## ୮ ନଂ. ୱାର୍ଡରେ ରାସ୍ତା, ଡ୍ରେନ୍ ଲାଗି ଶିଳାନ୍ୟାସ

ବ୍ରହ୍ମପୁର ଅଫିସ,ବ୍ରହ୍ମପୁର ମହାନଗର ନିଗମ (ବିଏମସି) ଅନ୍ତର୍ଗତ ୮ ନଂ ୱାର୍ଡରେ ବହୁ ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ ବୁଧବାର ଶିଳାନ୍ୟାସ କରାଯାଇଛି। ଏଥିରେ ବିଏମସି ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ. ବିବେକ ରେଡି, ବ୍ରହ୍ମପୁର ଏମପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ କୁମାର ପଣ୍ଡା ଓ କର୍ପୋରେଟର ଜାମୁଲା ଶ୍ରୀନିବାସ ଉପସ୍ଥିତ ଥିଲେ। ୱାର୍ଡରେ ସୁବୁଦ୍ଧି କଲ୍ୟାଣ ମଣ୍ଡପର ଉନ୍ନତୀକରଣ, ମଙ୍ଗଳବାର ପେଟା ସ୍ଥିତ ରାସ୍ତା ଓ ଡ୍ରେନେଜ ନିର୍ମାଣ, କାଞ୍ଚିବାରି ସାହି ସ୍ଥିତ ରାସ୍ତା ଓ ଡ୍ରେନେଜ ନିର୍ମାଣ ଏବଂ କମଳାବାରୀ ସାହିରେ ରାସ୍ତାର ଉନ୍ନତିକରଣ ପାଇଁ ଶିଳାନ୍ୟାସ କରାଯାଇଛି।



## ସଂକ୍ଷେପରେ

### କେଏଟିଏସ୍ ଆୟୁର୍ବେଦ କଲେଜରେ ୪ ସ୍ନାତକୋତ୍ତର ସିଟ ଅନୁମୋଦନ

ବ୍ରହ୍ମପୁର ଅଫିସ/କୁକୁଡ଼ାଖଣ୍ଡି(ଡି.ଏନ୍.ଏ.)୨୪।୫ ଆଙ୍କୁଶପୁର କବିରାଜ ଅନନ୍ତ ତ୍ରିପାଠୀ ଶର୍ମା ଆୟୁର୍ବେଦ ମହାବିଦ୍ୟାଳୟରେ ସର୍ବ ଭାରତୀୟ ସ୍ତରରେ ୪ଟି ସ୍ନାତକୋତ୍ତର ସିଟ ଶଲ୍ୟ ବିଭାଗ ପାଇଁ ଅନୁମୋଦନ ମିଳିଛି। ଏ ନେଇ ବୁଧବାର ମହାବିଦ୍ୟାଳୟର ସମସ୍ତ ବିଭାଗରେ କାର୍ଯ୍ୟରତ ଅଧ୍ୟାପକମାନେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ବିପିନ ବିହାରୀ ଖୁଣ୍ଟିଆଙ୍କୁ ସାକ୍ଷାତ କରି କୃତଜ୍ଞତା ଜଣାଇଛନ୍ତି। ଦୀର୍ଘଦିନର ଦାବି ସହ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଉଦ୍ୟମ ଓ କଲେଜର ଭିତ୍ତିଭୂମି ବିକାଶର ସର୍ବାଙ୍ଗୀନ ଉନ୍ନତି ପାଇଁ ସର୍ବଭାରତୀୟ ସ୍ତରରେ ଶିକ୍ଷାନୁଷ୍ଠାନକୁ ବଡ ସଫଳତା ମିଳିଛି। ବର୍ତ୍ତମାନ ବଲାଙ୍ଗୀରରେ ୪ଟି ସିଟ ଓ ପୁରୀରେ ୧୩ଟି ସିଟ ରହିଛି। ବର୍ତ୍ତମାନ ଏହି ଅନୁଷ୍ଠାନ ପାଇଥିବା ୪ଟି ସିଟକୁ ମିଶାଇ ରାଜ୍ୟରେ ୨୧ ସିଟରେ ଆସନ୍ତା ଶିକ୍ଷା ବର୍ଷରେ ପାଠ ପଢ଼ା ଆରମ୍ଭ ହେବ ବୋଲି ମହାବିଦ୍ୟାଳୟ ଅଧ୍ୟକ୍ଷ କହିଛନ୍ତି।

### ଫେରାର ଅଭିଯୁକ୍ତଙ୍କ ଆତ୍ମସମର୍ପଣ

ବ୍ରହ୍ମପୁର ଅଫିସ,୨୪।୫,ଏକ ଆକ୍ରମଣ ମାମଲାରେ ଫେରାର ଥିବା ଅଭିଯୁକ୍ତ ସାଇକିରଣ ଗୌଡ଼ ହାଇକୋର୍ଟଙ୍କ ନିର୍ଦ୍ଦେଶ ପ୍ରକାରେ ବ୍ରହ୍ମପୁର ଜେଏମ୍ଏଫସି (ଗ୍ରାମାଞ୍ଚଳ) କୋର୍ଟରେ ଆତ୍ମସମର୍ପଣ କରିଛନ୍ତି। ମୁଦାଲାଙ୍କ ପକ୍ଷରୁ ତାଙ୍କ ଓକିଲ ସୌଭାଗ୍ୟ ମିଶ୍ର, ଅରୁଣ ସ୍ୱାଇଁ ଓ ସଞ୍ଜୟ ଜେନା ଅଭିଯୁକ୍ତଙ୍କ ଜାମିନ ପାଇଁ ଆବେଦନ କରିବା ସହ ହାଇକୋର୍ଟରୁ ମିଳିଥିବା ସମସ୍ତ କାଗଜପତ୍ର କୋର୍ଟରେ ଦାଖଲ କରିଥିଲେ। କୋର୍ଟରେ ଜାମିନର ଶୁଣାଣି ହୋଇଥିଲା। ସରକାରୀ ଓକିଲ ଓ ପ୍ରତିପକ୍ଷ ଓକିଲଙ୍କ ମଧ୍ୟରେ ଜବାବ ସୁଆଲ ହୋଇଥିଲା। ସରକାରୀ ଏପିପି ସୋନାଲି ରାଇସା ଉକ୍ତ ଜାମିନର ଦୃଢ଼ ବିରୋଧ କରିଥିଲେ। ଶେଷରେ ଜେଏମ୍ଏଫସି (ଗ୍ରାମାଞ୍ଚଳ) ଦାୟିତ୍ୱରେ ଥିବା ଏସଡିଜେଏମ ପ୍ରଜ୍ଞା ପରମିତା ପ୍ରତିହାରୀ ୨ ଜଣ ଜାମିନଦାର ଓ ୫୦ ହଜାର ଟଙ୍କାର ମୁଚାଲିକାରେ ଅଭିଯୁକ୍ତ ସାଇକିରଣଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ପ୍ରକାଶ ଯେ, ଗତ ମାର୍ଚ୍ଚ ୧୫ ତାରିଖରେ ଲାଠୀ ଗ୍ରାମରେ ଗଗନ ବେହେରା, ରୋହିତ ବେହେରା ଓ ହରିକୃଷ୍ଣ ବେହେରାଙ୍କୁ ଆକ୍ରମଣ ହୋଇଥିଲା। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଶମ୍ଭୁ ଗୌଡ଼ ଓ ସାଇକିରଣ ଗୌଡ଼ ଖଣ୍ଡାରେ ସେମାନଙ୍କୁ ଆକ୍ରମଣ କରିଥିଲେ। ଏପରିକି ଗଗନଙ୍କ ବାଇକକୁ ମଧ୍ୟ ଖଣ୍ଡାରେ ହାଣିଥିଲେ। ଏ ନେଇ ସଦର ଥାନାରେ ଗଗନଙ୍କ ଅଭିଯୋଗ ପ୍ରକାରେ ସାଇକିରଣ ଓ ଶମ୍ଭୁଙ୍କ ନାମରେ ମାମଲା ରୁଜୁ ହୋଇଥିଲା। ସାଇକିରଣ କୋର୍ଟରେ ଆତ୍ମସମର୍ପଣ କରି ଜାମିନ ପାଇଥିବା ତାଙ୍କ ଓକିଲ ସୌଭାଗ୍ୟ ମିଶ୍ର ସୂଚନା ଦେଇଛନ୍ତି।

### ଯୁବକଙ୍କୁ ଆକ୍ରମଣ ଘଟଣା, ୩ ଗିରଫ

ବ୍ରହ୍ମପୁର ଅଫିସ,୨୪।୫-ବଡ଼ବଜାର ଥାନା ଅନ୍ତର୍ଗତ ପ୍ରହଲ୍ଲାଦନଗରର ୪ର୍ଥ ଗଳିରେ ଗତ ସୋମବାର ରୋଶନ କୁମାର ସୁବୁଦ୍ଧିଙ୍କୁ ସଂଘବଦ୍ଧ ଭାବେ ଖଣ୍ଡାରେ ଆକ୍ରମଣ କରାଯାଇଥିଲା। ଏହି ଘଟଣାରେ ସଂପୃକ୍ତ ୩ ଯୁବକଙ୍କୁ ପୋଲିସ ଗିରଫ କରିଛି। ସେମାନେ ପ୍ରହଲ୍ଲାଦ ନଗର ତୃତୀୟ ଲାଇନର ଭିକି ରାଉଳ, ବାବୁ ସାହୁ ଓ ମାଲୁଆଣି ନଗରର ସୁନୀଲ ପ୍ରଧାନ ଓରଫ ସୁମିତ। ମାମଲା ନଂ.୧୭୬/୨୩ ରେ ଅଭିଯୁକ୍ତମାନଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି। ଘଟଣାରୁ ପ୍ରକାଶ ଯେ, ଗତ ୨୧ତାରିଖ ରାତିରେ ୩ ଯୁବକ ସୂର୍ଯ୍ୟ ସୁବୁଦ୍ଧିଙ୍କ ଘର ସାମ୍ନାରେ ଗାଳିଗୁଲଜ କରିବା ସହ ତାଙ୍କୁ ଓ ତାଙ୍କ ପୁଅକୁ ହତ୍ୟା ଧମକ ଦେଇଥିଲେ। ଏ ନେଇ ସୂର୍ଯ୍ୟଙ୍କ ସ୍ତ୍ରୀ ରାଜେଶ୍ୱରୀ ଥାନାରେ ଜଣାଇଥିଲେ। ହେଲେ ସୋମବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ତାଙ୍କ ପୁଅ ରୋସନ୍ କାମକୁ ଯାଉଥିବା ବେଳେ ୩ ଅଭିଯୁକ୍ତ ଆକ୍ରମଣ କରିଥିଲେ।

# ୨୨ ଲକ୍ଷର ଭେଣ୍ଡିଂ ଜୋନ୍ ଆବର୍ଜନାରେ ପରିପୂର୍ଣ୍ଣ

## ଭୂତଳ ଡମ୍ପିଂ ୟାର୍ଡ ଯୋଗୁ ନାକ ଟେକୁଛନ୍ତି ଲୋକେ, ବାହାରେ ବ୍ୟବସାୟ

ବ୍ରହ୍ମପୁର ଅଫିସ,୨୪।୫



ଭେଣ୍ଡିଂ ଜୋନରେ ଆବର୍ଜନା ଭର୍ତ୍ତି ହୋଇଛି।

ସହରର ଉଠା ପରିବା ବ୍ୟବସାୟୀଙ୍କୁ ଥଇଥାନ ନିମନ୍ତେ ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଭେଣ୍ଡିଂ ଜୋନ୍ ନିର୍ମାଣ କରାଯାଇଛି। ସେଥିମଧ୍ୟରେ ମର୍ଦ୍ଦରାଜ ଭେଣ୍ଡିଂ ଜୋନ, କର୍ପୋରେଶନ ରୋଡ ଭେଣ୍ଡିଂଜୋନ୍, ଗେଟ ବଜାର ଭେଣ୍ଡିଂ ଜୋନ୍ ଓ ଖୋଲା ଭେଣ୍ଡିଂ ଜୋନ ରହିଛି। ଏସବୁରେ ବ୍ୟବସାୟୀଙ୍କ ବ୍ୟବସାୟ ନିମନ୍ତେ ପିଣ୍ଡି କରାଯାଇଥିବା ବେଳେ ଆଲୋକୀକରଣର ବ୍ୟବସ୍ଥା ମଧ୍ୟ କରାଯାଇଛି। କିନ୍ତୁ କେତେକ ଭେଣ୍ଡିଂ ଜୋନ୍‌ରେ ବିଏମସିର ରକ୍ଷଣାବେକ୍ଷଣ ଅଭାବରୁ ବର୍ତ୍ତମାନ ସେଠାରେ ଅଳିଆ ଆବର୍ଜନା ପରିପୂର୍ଣ୍ଣ ହୋଇଛି। ଗେଟ ବଜାର ମୁକ୍ତେଶ୍ୱର ମନ୍ଦିର ସମ୍ମୁଖରେ ଥିବା ଖୋଲା ଭେଣ୍ଡିଂ ଜୋନ୍ ଏହାର ଜ୍ୱଳନ୍ତ ଉଦାହରଣ।

୨୨ଲକ୍ଷ ଟଙ୍କା ବ୍ୟୟରେ ଖୋଲା ଭେଣ୍ଡିଂ ଜୋନ୍ ନିର୍ମାଣ ହୋଇଥିବା ବେଳେ ୨୦୧୯ରେ ଏହାର ଉଦଘାଟନ କରାଯାଇଥିଲା। ଗେଟବଜାର ରାସ୍ତା ପାର୍ଶ୍ୱରେ ବସୁଥିବା ପରିବା ବ୍ୟବସାୟୀଙ୍କୁ ଥଇଥାନ ଉଦ୍ଦେଶ୍ୟରେ ଏହା ନିର୍ମାଣ କରାଯାଇଥିଲା। କିନ୍ତୁ ଉଦଘାଟନ ପରେ ଗୋଟିଏ ଦିନ ବି ବ୍ୟବସାୟୀମାନେ ଏଠାରେ ବ୍ୟବସାୟ କରିନାହାନ୍ତି। ସେଠାକୁ ଗ୍ରାହକ ଆସୁ ନ ଥିବାରୁ ବ୍ୟବସାୟୀମାନେ ପୁଣି ଥରେ ରାସ୍ତା ପାର୍ଶ୍ୱରେ ବସି ବ୍ୟବସାୟ ଆରମ୍ଭ କଲେ। ବିଏମସି ଏନଫୋର୍ସମେଣ୍ଟ ପକ୍ଷରୁ ରାସ୍ତା ପାର୍ଶ୍ୱ ବ୍ୟବସାୟୀଙ୍କୁ ଉଚ୍ଛେଦ କରାଯିବାରୁ କିଛି ଦିନ ଭେଣ୍ଡିଂ ଜୋନ୍‌ରେ ବସିଲେ। ତେବେ ଉକ୍ତ ଭେଣ୍ଡିଂ ଜୋନ ପାର୍ଶ୍ୱରେ ବିଏମସିର ଭୂତଳ ଡମ୍ପିଂ ୟାର୍ଡ ଥିବା କାରଣରୁ ପୂତିଗନ୍ଧମୟ ପରିବେଶ ଯୋଗୁ ସହରବାସୀ ସେଠାକୁ ଯିବା ପାଇଁ ଅନିଚ୍ଛା ପ୍ରକାଶ କଲେ। ଅନ୍ୟପକ୍ଷରେ ବିଏମସି ପକ୍ଷରୁ ପରିଷ୍କାର ପରିଚ୍ଛନ୍ନତା ନେଇ କୌଣସି ଦୃଷ୍ଟି ନ ଦେବା କାରଣରୁ ବ୍ୟବାସାୟୀମାନେ ମଧ୍ୟ ଭେଣ୍ଡିଂ ଜୋନରେ ବ୍ୟବସାୟ ବନ୍ଦ କରିଦେଲେ। ବ୍ୟବସାୟୀମାନେ କୌଣସି ଉପାୟ ନ ପାଇ ବର୍ତ୍ତମାନ ଭେଣ୍ଡିଂ ଜୋନ ବାହାରେ ବ୍ୟବସାୟ କରୁଛନ୍ତି। ବର୍ତ୍ତମାନ ଏହି ଲକ୍ଷାଧିକ ଟଙ୍କାର ଭେଣ୍ଡିଂ ଜୋନ ଆବର୍ଜନାରେ ପରିପୂର୍ଣ୍ଣ ହୋଇଛି। ଏପରିକି ନିକଟସ୍ଥ ଡମ୍ପିଂ ୟାର୍ଡ ଆବର୍ଜନା ମଧ୍ୟ ଏହି ଭେଣ୍ଡିଂ ଜୋନ୍‌ରେ ଜମା ହୋଇ ରହୁଥିବା ଦେଖିବାକୁ ମିଳିଛି। ଭେଣ୍ଡିଂ ଜୋନ ଉପରେ ରହିଥିବା ଜରି ଛପର ମଧ୍ୟ ଉଡିଯାଇଛି। ଅଳିଆ ଆବର୍ଜନା ପଡି ରହିଥିବା କାରଣରୁ ଗାଇ ଗୋରୁଙ୍କ ଏହା ଏବେ ବିଚରଣ ସ୍ଥାନ ପାଲଟିଛି। କେବଳ ସେତିକି ନୁହେଁ, ଆବର୍ଜନା କାରଣରୁ ନିକଟସ୍ଥ ପୋଖରୀ ଦୂଷିତ ହେଉଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ସ୍ଥାନୀୟ ବ୍ୟବସାୟୀଙ୍କଠାରୁ ଆରମ୍ଭ କରି ବାସିନ୍ଦାମାନେ ଭେଣ୍ଡିଂ ଜୋନ ସଫେଇ ପାଇଁ ଦାବି କରିଥିଲେ ସୁଦ୍ଧା ଏ ଯାବତ ବିଏମସି ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଏ ନେଇ ବିଏମସି ଡେପୁଟି କମିଶନର ଆର୍ଶୀବାଦ ପରିଡାଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଏ ବାବଦରେ ଅନୁଧ୍ୟାନ କରି ଖୁବଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
bmpselfie@gmail.com



@ ଆଶିଷ



@ ଶୁଭକାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

### ୧୭ ଦିନରେ ତାରାଦେବୀଙ୍କ ଠାକୁରାଣୀ ଯାତ୍ରା

## ଉନ୍ମୋଚିତ ହେଲା ଦୁର୍ଗାଦେବୀଙ୍କ କଳାକୁଞ୍ଜ

ବ୍ରହ୍ମପୁର ଅଫିସ,୨୪।୫

ଲାଞ୍ଜିପଲ୍ଲୀ ମା' ତାରାଦେବୀ ଠାକୁରାଣୀଙ୍କ ଯାତ୍ରା ବୁଧବାର ୧୭ ଦିନରେ ପହଞ୍ଚିଛି। ବୁଧବାର ଲାଞ୍ଜିପଲ୍ଲୀ ମୁଖ୍ୟ ରାସ୍ତାରେ ମା' ଦୁର୍ଗାଙ୍କ କଳାକୁଞ୍ଜ ଉନ୍ମୋଚିତ ହୋଇଥିଲା। ସନ୍ଧ୍ୟା ଆଳତୀ ପରେ ମା'ଙ୍କୁ ରାଜାଘର ଭୋଗ ଲାଗି କରାଯାଇଥିଲା। ଏହାପରେ ଦେଶୀବେହେରା କୁନା ସାବତ ଘଟ ମୁଣ୍ଡାଇ ମା'ଙ୍କ ସହ ସାହି ପରିକ୍ରମା ନିମନ୍ତେ ବାହାରିଥିଲେ। ବୁଧବାର ପ୍ରାୟ ୧୩ ରୁ ଊର୍ଦ୍ଧ୍ୱ ସାହି ପରିକ୍ରମା ହୋଇଥିଲା। ଏହା ସହ ଦୁର୍ଗା ମନ୍ଦିରରେ ମାଁଙ୍କ ସ୍ୱତନ୍ତ୍ର ଆଳତୀ ହୋଇଥିଲା। ପୂଜା ମଣ୍ଡପଠାରୁ ବାହାରି ମା' ପୁର୍ବ ଅଡୁଆ ସାହି, କୁମ୍ଭାର ଘର ଛକ, ଉଷାକୋଠି ମନ୍ଦିର, କୃଷ୍ଣନଗର ପ୍ରଥମରୁ ପଞ୍ଚମ ଲାଇନ ଅତିକ୍ରମ ପରେ ଦୁର୍ଗାମନ୍ଦିର ଓ ସେଠାରୁ ସାବତ ବଙ୍ଗଳା, ପାଢ଼ୀ କଲୋନୀ, ତଳ ବାଉରୀ ସାହି ଭୋଗ ସାରି କାଳଞ୍ଜି ସାହି ଦେଇ ମା' ମଧ୍ୟରାତ୍ରରେ ପୂଜା ମଣ୍ଡପକୁ ପ୍ରତ୍ୟାବର୍ତ୍ତନ କରିଥିଲେ।





ମା' ତାରାଦେବୀଙ୍କ ଠାକୁରାଣୀ।

### ଗିରଫଙ୍କୁ ଛାଡ଼ିବା ଦାବିରେ ଜାତୀୟ ରାଜପଥ ଅବରୋଧ ମାମଲା

## ୨୧ ବର୍ଷ ପରେ ଏତଲାକାରୀଙ୍କ ବୟାନ ରେକର୍ଡ

ବ୍ରହ୍ମପୁର ଅଫିସ,୨୪।୫

ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶିବାନୀ ମିଶ୍ରଙ୍କ କୋର୍ଟରେ ଜାତୀୟ ରାଜପଥ ଅବରୋଧ ମାମଲାର ଏତଲାକାରୀଙ୍କ ବୟାନ ରେକର୍ଡ କରାଯାଇଛି। ଏତଲାକାରୀ ତଥା ତତ୍କାଳୀନ ବୈଦ୍ୟନାଥପୁର ଥାନା ଭାରପ୍ରାପ୍ତ ଅଧିକାରୀ ଗାଗାରିନ ମହାନ୍ତି ଭୁବନେଶ୍ୱରରୁ ଭର୍ଚ୍ଚୁଆଲରେ ଘଟଣା ଦିନ କ'ଣ ସବୁ ଘଟିଥିଲା ସେ ସମ୍ପର୍କରେ ବୟାନ ଦେଇଥିଲେ। ଏ ନେଇ ଉଭୟ ସରକାରୀ ଓକିଲ ଓ ପ୍ରତିପକ୍ଷ ଓକିଲଙ୍କ ମଧ୍ୟରେ ଜବାବ ସୁଆଲ ହୋଇଥିଲା। ଏଥିରେ ମୋଟ ୧୦ ଜଣ ସାକ୍ଷୀ ରହିଥିବା ବେଳେ ନବମ ସାକ୍ଷୀ ଭାବେ ଏତଲାକାରୀ ତାଙ୍କ ବୟାନ ଦେଇଛନ୍ତି। ଆସନ୍ତା ୬ ତାରିଖରେ ମାମଲାର ପରବର୍ତ୍ତୀ ବିଚାର ପାଇଁ କୋର୍ଟ ଦିନ ଧାର୍ଯ୍ୟ କରିଛନ୍ତି। ଉକ୍ତ ଦିନ ତଦନ୍ତକାରୀ ତଥା ବୈଦ୍ୟନାଥପୁର ଥାନାର ତତ୍କାଳୀନ ଏସ୍ଆଇ ଦିଲୀପ କୁମାର ଦାସ ୧୦ମ ସାକ୍ଷୀ ଭାବେ କୋର୍ଟରେ ହାଜର ହୋଇ ନିଜ ବୟାନ ଦେବେ। ସରକାରଙ୍କ ପକ୍ଷରୁ ଏପିପି ଦେବେନ୍ଦ୍ର ନାଥ ନାୟକ ଓ ମୁଦାଲାଙ୍କ ପକ୍ଷରୁ କୁରେଶ ଚନ୍ଦ୍ର ପାତ୍ର ଓ କରୁଣାକର ପାଣିଗ୍ରାହୀ ମାମଲା ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ୨୦୦୨ରେ ବୈଦ୍ୟନାଥପୁର ଥାନା ପୋଲିସ ଆଙ୍କୁଲି ଅଞ୍ଚଳର ୬ଜଣଙ୍କୁ ବେଆଇନ ଭାବେ ଗିରଫ କରିଥିଲା। ସେମାନଙ୍କୁ ଛାଡ଼ିଦେବା ଦାବିରେ ସେହିବର୍ଷ ମାର୍ଚ୍ଚ ୩୧ ତାରିଖ ରାତିରେ ଆଙ୍କୁଲି ଅଞ୍ଚଳର ଖୁଚୁରା ବ୍ୟବସାୟୀ ସଂଘର ତତ୍କାଳୀନ ସଭାପତି ତଥା ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ଉମା ଚରଣ ନାୟକଙ୍କ ନେତୃତ୍ୱରେ ଭୀମସେନ ଦଳାଇ, ବାବୁଲା ନାୟକ, ଗୋପାଳକୃଷ୍ଣ ପାଢ଼ୀ, ବିପିନ ନାୟକ, ନରସିଂହ ନାୟକ ସମେତ ୧୦୦ରୁ ଊର୍ଦ୍ଧ୍ୱ ଲୋକ ଜାତୀୟ ରାଜପଥର ଆଙ୍କୁଲିରେ ରାସ୍ତା ଖୋଳିଥିଲେ। ପୋଲିସ ପହଞ୍ଚି ଆନ୍ଦୋଳକାରୀଙ୍କୁ ବୁଝାଶୁଝା କରିବା ସହ ଗାଡ଼ି ଚଳପ୍ରଚଳ ସ୍ୱାଭାବିକ କରିଥିଲା।

## ମିଳିତ ଅମଲା ସଂଘର ଧାରଣା

ବ୍ରହ୍ମପୁର ଅଫିସ,୨୪।୫

ବ୍ରହ୍ମପୁର ଉପଖଣ୍ଡ ବନ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲା ମିଳିତ ଅମଲା ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ବୁଧବାର ଶାନ୍ତିପୂର୍ଣ୍ଣ ଧାରଣା ଦିଆଯାଇଛି। ସ୍ନାତକ ଶିକ୍ଷାଗତ ଯୋଗ୍ୟତା ଥିବା ସମସ୍ତ କର୍ମଚାରୀଙ୍କୁ ୪୨୦୦ ଗ୍ରେଡ ପେ ହାରରେ ଦରମା ପ୍ରଦାନ କରାଯାଉଥିବା ବେଳେ କେବଳ ଜିଲାସ୍ତରୀୟ ଅମଲାଙ୍କୁ ସ୍ନାତକ ସହ କମ୍ପ୍ୟୁଟର ଶିକ୍ଷା ଥାଇ ମଧ୍ୟ ୨୦୧୭ ମସିହାରୁ ୧୯୦୦ ଗ୍ରେଡ ପେ ହାରରେ ଦରମା ଦିଆଯାଉଛି। ରାଜ୍ୟ ସରକାର ଏହି ପାତର ଅନ୍ତର ନୀତି ବିରୋଧରେ ଅମଲାମାନେ ଗତ ୨୧ ତାରିଖଠାରୁ ଶାନ୍ତିପୂର୍ଣ୍ଣ ଭାବେ କଳା ବ୍ୟାଜ ପରିଧାନ କରି ଆନ୍ଦୋଳନ ଆରମ୍ଭ କରିଛନ୍ତି। ବୁଧବାର ବ୍ରହ୍ମପୁର ଡିଏଫଓ ଅମଲାମାନେ କଳାବ୍ୟାଜ ପିନ୍ଧି ଆନ୍ଦୋଳନ କରିପାରିବେ ନାହିଁ ବୋଲି ନୋଟିସ ବାହାର କରିଥିଲେ। ପରେ ପୂର୍ବତନ ଓଡିଶା ଅମଲା ସଂଘ ସାଧାରଣ ସଂପାଦକ ଓ ଓଡିଶା ଅମଲା ସଂଘର ପୃଷ୍ଠ ପୋଷକ ପ୍ରସନ୍ନ କୁମାର ତ୍ରିପାଠୀ ଏବଂ ସଂଘର ବହୁ ସଦସ୍ୟ ଡିଏଫଓ ସନ୍ନି ଗୋଖରଙ୍କୁ ଦାବି ପତ୍ର ପ୍ରଦାନ ସହ ଆଲୋଚନା କରିଥିଲେ। ଏହାପରେ ଡିଏଫଓ ଅମଲାଙ୍କ ଆନ୍ଦୋଳନକୁ ସହଯୋଗ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଆନ୍ଦୋଳନରେ ପୂର୍ଣ୍ଣ ଚନ୍ଦ୍ର ବେହେରା, ଦିଲେଶ୍ବ ରେଡି, ଶିବ ପ୍ରସାଦ ଚୌଧୁରୀ, ଦୀପକ କୁମାର ପଣ୍ଡା, ଅରୁଣ କୁମାର ପଣ୍ଡାଙ୍କ ସମେତ ଗଞ୍ଜାମ ଜିଲା ମିଳିତ ଅମଲା ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।



ବ୍ରହ୍ମପୁର ଉପଖଣ୍ଡ ବନ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅମଲାଙ୍କ ଆନ୍ଦୋଳନ।

### ରୋଗୀ କଲ୍ୟାଣ ସମିତି ବୈଠକ

## ସିଟି ହସ୍ପିଟାଲରେ ଖୋଲିବ ସୁପର ସ୍ପେଶାଲିଟି ଓପିଡି

ବ୍ରହ୍ମପୁର ଅଫିସ,୨୪।୫

ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ନୂତନ ସମ୍ମିଳନୀ କକ୍ଷରେ ମଙ୍ଗଳବାର ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ସଭାପତି ଅଞ୍ଜଳି ସ୍ୱାଇଁ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଜିଲାପାଳ ଦିବ୍ୟଜ୍ୟୋତି ପରିଡା ଯୋଗ ଦେଇଥିଲେ। ହୃଦରୋଗ, କିଡ୍‌ନୀ, ଅମ୍ଳ ରୋଗ ଓ ମୂତ୍ରାଶୟ ଜନିତ ରୋଗ ଆଦିର ଚିକିତ୍ସା ପାଇଁ ରୋଗୀମାନେ ଏମ୍‌କେସିଜି ମେଡିକାଲ ଉପରେ ନିର୍ଭର କରୁଥିବାରୁ ପ୍ରବଳ ଭିଡ ହେଉଛି। ରୋଗୀମାନେ ଠିକ ସେବା ପାଇପାରୁ ନାହାନ୍ତି। ତେଣୁ ସହରରେ ଥିବା ନଗର ଚିକିତ୍ସାଳୟ (ସିଟି ହସ୍ପିଟାଲ)ରେ ସୁପର ସ୍ପେଶାଲିଟି ଓପିଡି ଖୋଲାଗଲେ ରୋଗୀ ଉପକୃତ ହେବେ। ସିଟି ହସ୍ପିଟାଲରେ ଓପିଡି ଖୋଲିବା ନେଇ ତୁରନ୍ତ ପଦକ୍ଷେପ ନେବାକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଉମାଶଙ୍କର ମିଶ୍ରଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ରୋଗୀ ପଞ୍ଜୀକରଣ ଅତ୍ୟାଧୁନିକ ଗୃହ, ରୋଗୀ ପ୍ରତିକ୍ଷାଳୟ, ଔଷଧ ବିତରଣ କେନ୍ଦ୍ର, ସର୍ବସାଧାରଣ ଶୌଚାଳୟ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଗୃହ ସହ ହିତାଧିକାରୀଙ୍କୁ ସହଯୋଗ କରିବାକୁ ସେଲ ଗଠନ ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଏଥିସହିତ ଚଳିତ ଆର୍ଥିକ ବଜେଟରେ ପ୍ରାୟ ୧୦ କୋଟି ଟଙ୍କା ବ୍ୟୟରେ ସିଟି ହସ୍ପିଟାଲର ଭିତ୍ତିଭୂମି ପାଇଁ ନିଷ୍ପତ୍ତି ହୋଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ଏମପି ଚନ୍ଦ୍ରଶେଖର ସାହୁ, ବିଏମସି ମେୟର ସଂଘମିତ୍ରା ଦଳେଇ, କମିଶନର ଜେ. ସୋନାଲଙ୍କ ସମେତ ବହୁ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

### ଚାଲାଣ ବେଳେ ୧୧ ଗାଈ ଉଦ୍ଧାର

ବ୍ରହ୍ମପୁର ଅଫିସ,୨୪।୫

ବଡବଜାର ଥାନା ପୋଲିସ ବୁଧବାର ଯାନବାହନ ଯାଞ୍ଚ କରୁଥିବା ବେଳେ ଏକ ଗାଈ ବୋଝେଇ ଗାଡ଼ିକୁ ଅଟକାଇ ଯାଞ୍ଚ କରିଛି। ସେଥିରୁ ୧୧ଟି ଗାଈଟି ଗାଈଙ୍କୁ ଉଦ୍ଧାର କରାଯାଇଛି। ବେଆଇନ ଗୋଚାଲାଣ ଅଭିଯୋଗରେ ଗାଡ଼ି ଡ୍ରାଇଭର ଆନ୍ଧ୍ରପ୍ରଦେଶ କାଞ୍ଚିଲି ଗ୍ରାମର କେ. ଦିଲୀପଙ୍କୁ ଗିରଫ କରାଯାଇଛି। ସେ ଗାଈଗୁଡ଼ିକ ସୁକୁଣ୍ଡା ଗ୍ରାମରୁ ଆଣି ଆନ୍ଧ୍ରପ୍ରଦେଶଙ୍କୁ ଚାଲାଣ କରୁଥିଲେ। ପୋଲିସ ଗାଡ଼ି ଡ୍ରାଇଭର ଦିଲୀପଙ୍କୁ ଥାନାରୁ ଧାରା ୪୧ରେ ତାଙ୍କୁ ଛାଡ଼ିଥିବା କହିଛି। ସୁକୁଣ୍ଡା ଗ୍ରାମରୁ ଆନ୍ଧ୍ରପ୍ରଦେଶର କେତେଜଣ ଦଲାଲ ବେଆଇନ୍ ଭାବେ ଗୋ ଚାଲାଣ କରୁଥିବା ପୋଲିସ ଖବର ପାଇ ଚଢ଼ାଉ କରିଥିଲା। ପୋଲିସ ଡ୍ରାଇଭର ଦିଲୀପଙ୍କୁ ଧରିବା ବେଳେ ଗାଡ଼ିରେ ଥିବା ଚାଲାଣକାରୀ ଚମ୍ପଟ ମାରିଥିଲେ।

## ଶୀତଳଷଷ୍ଠୀ ଯାତ୍ରା ଲାଗି ସହର ଉତ୍ସବମୁଖର

ବ୍ରହ୍ମପୁର ଅଫିସ,୨୪।୫

### ବିବାହ ପାଇଁ ବିରାଟ ପଟୁଆରରେ ଗଲେ ମହାଦେବ



ବିବାହ ପାଇଁ ଶୋଭାଯାତ୍ରାରେ ଯାଉଛନ୍ତି ମହାଦେବ।

ରେଶମ ସହର ବ୍ରହ୍ମପୁରରେ ବୁଧବାରଠାରୁ ୩ ଦିନିଆ ଶୀତଳଷଷ୍ଠୀ ଯାତ୍ରା ଆରମ୍ଭ ହୋଇଛି। ଶିବ ବିବାହ ଲାଗି ସହର ଚଳଚଞ୍ଚଳ ହୋଇଛି। ମନ୍ଦିର ପ୍ରଶାସନ ପକ୍ଷରୁ ଶିବ, ପାର୍ବତୀଙ୍କ ବିବାହ ଠାରୁ ଆରମ୍ଭ କରି ହରିହର ଭେଟ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟକ୍ରମ ଚୂଡାନ୍ତ ହୋଇଛି। ଗୋଷାଣୀନୂଆଗାଁ ସ୍ଥିତ ଉତ୍ତରେଶ୍ୱର, ସାନବଜାରସ୍ଥିତ କପିଳେଶ୍ୱର, ଜାତୀୟ ରାଜପଥ ପାର୍ଶ୍ୱସ୍ଥ ଚନ୍ଦ୍ରଚୁଡ଼େଶ୍ୱର, ନିଳକଣ୍ଠେଶ୍ୱର ସମେତ ବିଭିନ୍ନ ଶୈବ ପୀଠରେ ସନ୍ଧ୍ୟାରୁ ଶୀତଳଷଷ୍ଠୀ ଯାତ୍ରା ଆରମ୍ଭ ହୋଇଥିଲା।

ଉତ୍ତରେଶ୍ୱର ମନ୍ଦିରରେ ସନ୍ଧ୍ୟାରେ ମନ୍ଦିର ଉନ୍ନୟନ କମିଟି ସଭାପତି ପଞ୍ଚାନନ ଚୌଧୁରୀଙ୍କ ତତ୍ତ୍ୱାବଧାନରେ ଯାତ୍ରା ଆରମ୍ଭ ହୋଇଥିଲା। ସନ୍ଧ୍ୟା ଆଳତୀ ପରେ ମାତା ପାର୍ବତୀ ଓ ମହାଦେବଙ୍କ ନିର୍ବନ୍ଧ କାର୍ଯ୍ୟକ୍ରମ ହୋଇଥିଲା। ପଞ୍ଚାନନ ଚୌଧୁରୀ ଓ ପରିବାର ବର ପକ୍ଷ ହୋଇଥିବା ବେଳେ ଭୈରବ ଭୂୟାଁ ଓ ତାଙ୍କ ପରିବାର କନ୍ୟା ପକ୍ଷ ହୋଇଥିଲେ। ନିର୍ବନ୍ଧ ପରେ ମହାଦେବ ବିବାହ ପାଇଁ ପଟୁଆରରେ ନଗର ବୁଲି ପୁଣି ମନ୍ଦିର ପ୍ରାଙ୍ଗଣକୁ ଆସିଥିଲେ। କନ୍ୟା ପିତା ଭୈରବ ପାଣିଗ୍ରାହୀ ବାଟବରଣ କରିଥିଲେ। ରାତିରେ ଶିବ, ପାର୍ବତୀଙ୍କ ବିବାହ ସମ୍ପନ୍ନ ହୋଇଥିଲା। ଗୁରୁବାର ଶିବ ପାର୍ବତୀଙ୍କ ନଗର ପରିକ୍ରମା ଓ ଶୁକ୍ରବାର ହରିହର ଭେଟ ଅନୁଷ୍ଠିତ ହେବ।

## ପାରଳା-ମୋହନା ସେଗ୍‌ମେଣ୍ଟକୁ ବିଜେଡିର ଫୋକସ୍

- ବ୍ରହ୍ମପୁର ଲୋକସଭା କ୍ଷେତ୍ର
- ପ୍ରସ୍ତୁତ ହେଉଛି ନୂଆ ରଣନୀତି

ବ୍ରହ୍ମପୁର ଅଫିସ,୨୪।୫-ଆଗାମୀ ନିର୍ବାଚନରେ ବ୍ରହ୍ମପୁର ଲୋକସଭା କ୍ଷେତ୍ର ଅନ୍ତର୍ଗତ ୭ଟି ଯାକ ବିଧାନସଭା ନିର୍ବାଚନ ମଣ୍ଡଳୀ ଦଖଲ ପାଇଁ ବିଜେଡି ଆଗୁଆ ରଣନୀତି ପ୍ରସ୍ତୁତ କରୁଛି। ୨୦୧୯ ନିର୍ବାଚନରେ ବିଜେଡିର ଚନ୍ଦ୍ରଶେଖର ସାହୁ ୪ ଲକ୍ଷ ୪୩ ହଜାର ୮୪୩ ଭୋଟ ପାଇ ଏମ୍‌ପି ନିର୍ବାଚିତ ହୋଇଥିଲେ। ତାଙ୍କ ନିକଟତମ ଭାଜପାର ଭୃଗୁ ବକ୍ସିପାତ୍ର ୩ ଲକ୍ଷ ୪୮ ହଜାର ୯୯୯ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ଥିଲେ। କଂଗ୍ରେସ ପ୍ରାର୍ଥୀ ଭି. ଚନ୍ଦ୍ରଶେଖର ନାଇଡୁ ମାତ୍ର ୧ ଲକ୍ଷ ୪୨ ହଜାର ୮୩୨ ଭୋଟ ପାଇ ତୃତୀୟକୁ ଖସିଯାଇଥିଲେ। ପୂର୍ବ ନିର୍ବାଚନ ଗୁଡ଼ିକରେ ସ୍ଥିତି ନ ଥିବା ଭାଜପା ୩ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟ ପାଇଥିବାରୁ ସଚେତନ ନାଗରିକ ଚକିତ ହୋଇଯାଇଥିଲେ। କଂଗ୍ରେସ ପକେଟ ଭୋଟ ଭାଜପାକୁ ଯାଇଥିବା ରାଜନୀତି ବିଶ୍ଳେଷକ ଅଙ୍କ କଷିଲେ।

ବ୍ରହ୍ମପୁର ଲୋକସଭା କ୍ଷେତ୍ରରେ ଗଞ୍ଜାମର ଛତ୍ରପୁର, ବ୍ରହ୍ମପୁର, ଗୋପାଳପୁର, ଦିଗପହଣ୍ଡି ଓ ଚିକିଟି ସେଗମେଣ୍ଟ ଅନ୍ତର୍ଭୁକ୍ତ। ସେହିପରି ଗଜପତି ଜିଲାର ମୋହନା ଓ ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀ ମଧ୍ୟ ଏହି ଲୋକସଭା କ୍ଷେତ୍ର ଅନ୍ତର୍ଭୁକ୍ତ। ଗଞ୍ଜାମର ୫ଟି ଯାକ ସେଗମେଣ୍ଟରେ ବିଜେଡିର ଜିତାପଟ ହୋଇଥିଲା। ଗଜପତିର ପାରଳାଖେମୁଣ୍ଡ ଆସନ ଭାଜପା ଏବଂ ମୋହନା ଆସନ କଂଗ୍ରେସକୁ ଯାଇଥିଲା। ଆଗାମୀ ନିର୍ବାଚନରେ ଏହି ଦୁଇ ନିର୍ବାଚନ ମଣ୍ଡଳୀ ଦଖଲ ଲାଗି ବିଜେଡି ପ୍ରୟାସ ଚଳାଇଛି। ଏମ୍‌ପି ଚନ୍ଦ୍ରଶେଖର ଅଧିକାଂଶ ଦିନ ଗଜପତିରେ ବିତାଉଛନ୍ତି। ଚଳିତ ମାସ ପ୍ରଥମ ସପ୍ତାହରେ ଗଜପତି ଜିଲା ବିଜେଡି ପର୍ଯ୍ୟବେକ୍ଷକ ମନ୍ତ୍ରୀ ଅତନୁ ସବ୍ୟସାଚୀ ପାରଳା ଯାଇ ସାଙ୍ଗଠନିକ ସ୍ଥିତି ତଦାରଖ କରିଥିଲେ। ଦିନକ ପରେ ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ ମନ୍ତ୍ରୀ ନାୟକ ଅଚାନକ ପାରଳା ଗସ୍ତ କଲେ। ଏମପି ସାହୁଙ୍କ ଉପସ୍ଥିତିରେ ଦଳୀୟ ନେତା ଓ କର୍ମୀଙ୍କ ସହ ୩ ଜଣ ଯାକ ଆଲୋଚନା କରିଥିଲେ। ଫଳରେ ଆଗୁଆ ରଣନୀତି ପ୍ରସ୍ତୁତ ହେଉଥିବା ଆଲୋଚନା ହେଉଛି।

ବ୍ରହ୍ମପୁର ଲୋକସଭା କ୍ଷେତ୍ର ଅନ୍ତର୍ଭୁକ୍ତ ଗୋପାଳପୁରରୁ ଜିତିଥିବା ବିଜେଡି ବିଧାୟକ ପ୍ରଦୀପ କୁମାର ପାଣିଗ୍ରାହୀ ଦୁଇ ବର୍ଷ ତଳୁ ଦଳରୁ ବହିଷ୍କୃତ ହୋଇଛନ୍ତି। ଦଳର ସାଙ୍ଗଠନିକ ଦାୟିତ୍ୱ ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ଗୋପବନ୍ଧୁ ଦାସ ତୁଲାଉଛନ୍ତି। ୨୦୨୪ ନିର୍ବାଚନରେ ସେଠାରୁ କାହାକୁ ବିଜେଡି ପ୍ରାର୍ଥୀ କରିବ ଅସ୍ପଷ୍ଟ ରହିଛି। ଛତ୍ରପୁରରେ ଦଳୀୟ ଗୋଷ୍ଠୀ କନ୍ଦଳ ବଢ଼ିବାରେ ଲାଗିଛି। ବିଧାୟକ ସୁବାସ ଚନ୍ଦ୍ର ବେହେରାଙ୍କ ବିରୋଧରେ ବିଜେଡିର ଗୋଟିଏ ଗୋଷ୍ଠୀ ହୁଙ୍କାର ଛାଡୁଛନ୍ତି। ତେଣୁ ଆଗାମୀ ନିର୍ବାଚନରେ ପ୍ରାର୍ଥୀ ହେବାକୁ ଏକାଧିକ ନୂଆ ଚେହେରା ଲବି ଚଳାଇଛନ୍ତି। ଦିଗପହଣ୍ଡି ବିଧାୟକ ସୂର୍ଯ୍ୟ ନାରାୟଣ ପାତ୍ର ଅସୁସ୍ଥ ଯୋଗୁ ସକ୍ରିୟ ରାଜନୀତିରୁ ଦୂରେଇଛନ୍ତି। ସେଠାର ବିଜେଡି ରାଜନୀତି ଗୋଳମାଳିଆ ସ୍ଥିତିରେ ଅଛି। ସେହିପରି ଚିକିଟି ନିର୍ବାଚନ ମଣ୍ଡଳୀରେ ବିଧାୟିକା ଉଷା ଦେବୀ ଏବେ କ୍ୟାବିନେଟ ମନ୍ତ୍ରୀ ଅଛନ୍ତି। ସେ ମଧ୍ୟ ଆଗାମୀ ନିର୍ବାଚନ ଲଢ଼ିବେ ନା ପୁତ୍ରଙ୍କୁ ଛାଡ଼ିବେ ସେନେଇ କର୍ମୀ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ସେଠାରେ ମଧ୍ୟ ଆଗଧାଡ଼ିର କର୍ମୀମାନେ ଟିକେଟ ପାଇବା ଆଶାରେ ଅଛନ୍ତି।

ବ୍ରହ୍ମପୁର ବିଧାନସଭା ନିର୍ବାଚନରେ ୨୦୦୦ରୁ ୨୦୧୪ ମଧ୍ୟରେ ହୋଇଥିବା ୪ ନିର୍ବାଚନରେ ପରାଜିତ କଂଗ୍ରେସ ପ୍ରାର୍ଥୀ ବିକ୍ରମ ପଣ୍ଡା ୨୦୧୯ ନିର୍ବାଚନ ପୂର୍ବରୁ ଦଳରୁ ଇସ୍ତଫା ଦେଇ ବିଜେଡିରେ ସାମିଲ ହେଲେ। ବିଜେଡି ଟିକେଟ ପାଇ ବିଧାୟକ ହେବା ସ୍ୱପ୍ନ ସାକାର କରିଛନ୍ତି। ଏଠାରେ ମଧ୍ୟ ଗୋଟିଏ ଗୋଷ୍ଠୀ ପରୋକ୍ଷରେ ତାଙ୍କୁ ବିରୋଧ କରୁଥିବା କର୍ମୀ ଚର୍ଚ୍ଚା କରୁଛନ୍ତି। ତଥାପି ସଂଗଠନକୁ ସକ୍ରିୟ କରିବା ଲାଗି ବିଧାୟକ ନିରବଚ୍ଛିନ୍ନ ପ୍ରୟାସ କରୁଥିବାରୁ ଅନ୍ୟ ୪ ସେଗମେଣ୍ଟ ଅପେକ୍ଷା ବ୍ରହ୍ମପୁର ସୁବିଧା ସ୍ଥିତିରେ ଥିବା ରାଜନୈତିକ ସମୀକ୍ଷକ ମତ ରଖୁଛନ୍ତି।

